କେ. ବଲରାମନ୍

ବନାମ

ଅଧ୍ୟକ୍ଷ, ରେଳବାଇ ବୋର୍ଡ ଏବଂ ଅନ୍ୟମାନେ

(ଦେୱାନୀ ଆବେଦନ ସଂଖ୍ୟା 6647/2003)

ଡିସେମ୍ବର 14, 2010

[ଦଲବୀର ଭାଣ୍ଡାରୀ ଏବଂ ଦୀପକ୍ ବର୍ମା, ନ୍ୟାୟମୂର୍ତ୍ତିଦ୍ୱୟ]

*ସେବା ଆଇନ:ବେତନ ବୃଦ୍ଧି- ମୂଳ ବେତନରେ ଅନ୍ତର୍ଭୁକ୍ତ ନକରିବା- ରେଳବାଇରେ ଷ୍ଟକ୍ ଭେରିଫାୟର୍ ପାହ୍ୟାକୁ ପଦୋନ୍ନତି ଏବଂ ସ୍ଥାୟୀକରଣ- ଷ୍ଟକ୍ ଭେରିଫାୟରମାନଙ୍କୁ ନିର୍ଦ୍ଧାରିତ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ପାଇଁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଛି- ଆବେଦନକାରୀ ଏହିପରି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି ଏବଂ ତିନୋଟି ବେତନ ବୃଦ୍ଧି ପାଇଛନ୍ତି- ନିର୍ଣ୍ଣୟ ହୋଇଛି:ଅତିରିକ୍ତ ବେତନ ବୃଦ୍ଧିକୁ ମୂଳ ବେତନର ଏକ ଅଂଶ ଭାବରେ ବିବେଚନା କରାଯାଇପାରିବ ନାହିଁ, କିନ୍ତୁ କେବଳ ଏକ ପୃଥକ ଉପାଦାନ ଭାବରେ ବିବେଚନା କରାଯାଇପାରିବ ଯାହା ମହଙ୍ଗା ଭତ୍ତା ଇତ୍ୟାଦିର ଗଣନା ଉଦ୍ଦେଶ୍ୟରେ ହିସାବ କରାଯିବ ନାହିଁ ।*

ରେଳବାଇର ଷ୍ଟକ୍ ଭେରିଫାୟରମାନଙ୍କୁ ନିର୍ଦ୍ଧାରିତ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ପାଇଁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା । ଆବେଦନକାରୀ ଏପରି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ ଏବଂ ତାଙ୍କୁ ତିନୋଟି ଅଗ୍ରୀମ ବେତନ ବୃଦ୍ଧି ମଧ୍ୟ ପ୍ରଦାନ କରାଯାଇଥିଲା । ଉତ୍ତରଦାତା-ବୋର୍ଡ ଏହାର **25.07.1995** ତାରିଖର ଚିଠିରେ ସ୍ପଷ୍ଟ ଭାବରେ କହିଛି ଯେ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ପାଇଁ ଷ୍ଟକ୍ ଭେରିଫାୟରମାନଙ୍କୁ ଦିଆଯାଇଥିବା ତିନୋଟି ଅଗ୍ରୀମ ବେତନ ବୃଦ୍ଧିକୁ ଅତିରିକ୍ତ ବେତନ ବୃଦ୍ଧି ଭାବରେ ବିବେଚନା କରାଯାଇପାରେ ଏବଂ ଏହାକୁ ମୂଳ ବେତନର ଅଂଶ ଭାବରେ ବିବେଚନା କରାଯାଇପାରିବ ନାହିଁ । **08.05.1996** ରେ ଜାରିକରାଯାଇଥିବା ଅନ୍ୟ ଏକ ଚିଠିରେ ଏହା ନିର୍ଦ୍ଦେଶ ଦିଆଯାଇଥିଲା ଯେ ଅତିରିକ୍ତ ବେତନ ବୃଦ୍ଧିକୁ ମୂଳ ବେତନର ଅଂଶ ଭାବରେ ବିବେଚନା କରାଯିବ ନାହିଁ ଏବଂ ମହଙ୍ଗା ଭତ୍ତା ପାଇଁ ଗଣନା କରାଯିବ ନାହିଁ । ଉକ୍ତ ଚିଠି ବିରୁଦ୍ଧରେ, ଆବେଦନକାରୀ, ନ୍ୟାୟାଧିକରଣଙ୍କ ପାଖରେ ମୂଳ ଆବେଦନ ଦାଖଲ କରିଥିଲେ । ନ୍ୟାୟାଧିକରଣ ନିର୍ଣ୍ଣୟ ନେଇଛନ୍ତି ଯେ ଅତିରିକ୍ତ ବେତନ ବୃଦ୍ଧି ବ୍ୟକ୍ତିର ମୂଳ ବେତନର ଏକ ଅଂଶ ହେବ ଏବଂ ଆବେଦନକାରୀ ଆନୁଷଙ୍ଗିକ ଲାଭ ପାଇବାକୁ ହକଦାର ହେବେ **।ତେବେ,** ଉଚ୍ଚ ନ୍ୟାୟାଳୟ ନିର୍ଣ୍ଣୟ ନେଇଛନ୍ତି ଯେ ଏହି ବେତନ ବୃଦ୍ଧିକୁ ମୂଳ ବେତନର ଅଂଶବିଶେଷ ଭାବେ ବିବେଚନା କରାଯାଇପାରିବ ନାହିଁ, ବରଂ କେବଳ ଏକ ପୃଥକ ଉପାଦାନ ଭାବେ ବିବେଚନା କରାଯାଇପାରିବ, ଯାହା

**ମହଙ୍ଗା ଭତ୍ତା ଇତ୍ୟାଦିର ଗଣନା ଉଦ୍ଦେଶ୍ୟରେ ହିସାବ କରାଯିବ ନାହିଁ । ବର୍ତ୍ତମାନର ଆବେଦନ, ଉଚ୍ଚ ନ୍ୟାୟାଳୟଙ୍କ ଆଦେଶକୁ ଆପତ୍ତି କରି ଆଗତ କରାଯାଇଥିଲା ।**

**ଆବେଦନକୁ ଖାରଜ କରି, ଏହି ନ୍ୟାୟାଳୟ**

**ନିର୍ଣ୍ଣୟ ନେଇଛନ୍ତି ଯେ: ନ୍ୟାୟାଧିକରଣ ତ୍ରୁଟିପୂର୍ଣ୍ଣ ଭାବେ ନିର୍ଣ୍ଣୟ ନେଇଛନ୍ତି ଯେ ତିନୋଟି ଅତିରିକ୍ତ ବେତନ ବୃଦ୍ଧି, ମୂଳ ବେତନର ଅଂଶବିଶେଷ ହେବ । ଟ୍ରିବ୍ୟୁନାଲର ରାୟକୁ ରଦ୍ଦ କରିବାରେ ହାଇକୋର୍ଟ ସମ୍ପୂର୍ଣ୍ଣ ନ୍ୟାୟସଙ୍ଗତ ଥିଲେ।**

ଦେୱାନୀ ଆବେଦନ କ୍ଷେତ୍ରାଧିକାର: ଦେୱାନୀ ଆବେଦନ ସଂଖ୍ୟା 6647/2003·

23.04.2002 ତାରିଖରେ ମାଡ୍ରାସ ଉଚ୍ଚ ନ୍ୟାୟାଳୟଙ୍କ ଆଜ୍ଞାଦେଶ ଆବେଦନ ସଂଖ୍ୟା 4956/1999 ରେ ପ୍ରଦାନ କରାଯାଇଥିବା ରାୟ ଏବଂ ଆଦେଶରୁ ଏହି ଆବେଦନ ଆସିଛି ।

ଏ. ଟି. ଏମ୍. ସମ୍ପଥ ଏବଂ ଟି. ଏସ୍. ଶାନ୍ତି ଆବେଦନକାରୀ ପାଇଁ ।

ଏ. ମାରିୟାରପୁଥମ, ସିଏଚ. ଶାମସୁଦ୍ଦିନ ଖାନ ଏବଂ ଏ. କେ. ଶର୍ମା (ଅନୀଲ କଟିୟାରଙ୍କ ପାଇଁ) ଉତ୍ତରଦାତାମାନଙ୍କ ପାଇଁ ।

ନ୍ୟାୟାଳୟର ରାୟ ପ୍ରଦାନ ଯାଇଥିଲା

ନ୍ୟାୟମୂର୍ତ୍ତି ଦଲବୀର ଭାଣ୍ଡାରୀଙ୍କ ଦ୍ୱାରା । 1.23 ଏପ୍ରିଲ, 2002 ମସିହାରେ, ମାଡ୍ରାସ ଉଚ୍ଚ ନ୍ୟାୟାଳୟଙ୍କ ଦୁଇଜଣିଆ ଖଣ୍ଡପୀଠ, ଆଜ୍ଞାଦେଶ ଆବେଦନ ସଂଖ୍ୟା 4956/1999 ସହିତ ଅନ୍ୟ ସଂଲଗ୍ନ ଆବେଦନରେ ପ୍ରଦାନ କରିଥିବା ରାୟ ବିରୁଦ୍ଧରେ, ଏହି ଆବେଦନରେ ନିର୍ଦ୍ଦେଶ ପ୍ରଦାନ କରାଯାଇଛି ।

2. ଏହି ଆବେଦନକୁ ଫଏସଲା କରିବା ପାଇଁ ଆବଶ୍ୟକ ସଂକ୍ଷିପ୍ତ ତଥ୍ୟ ନିମ୍ନମତେ ପ୍ରଦାନ କରାଗଲା:

3. ଆବେଦନକାରୀ 'ସି' ଶ୍ରେଣୀରେ ଉତ୍ତରଦାତା ସଂଖ୍ୟା 1- ରେଳବାଇ ବୋର୍ଡ ସହିତ କାର୍ଯ୍ୟ କରୁଥିଲେ । ରେଳବାଇରେ ଷ୍ଟକ୍ ଭେରିଫାୟର୍ ପଦବୀଗୁଡ଼ିକ କ୍ଲର୍କ୍ ଗ୍ରେଡ୍-1, ସିଲେକ୍ସନ୍ ଗ୍ରେଡ୍ କ୍ଲର୍କ୍ ଏବଂ କ୍ଲାସ୍ 'ସି' ର ସବ୍-ହେଡ୍ ବର୍ଗରୁ ପୂରଣ କରାଯିବ । "ଷ୍ଟକ୍ ଭେରିଫାୟର୍ସ ପଦବୀକୁ ପଦୋନ୍ନତି ଏବଂ ସ୍ଥାୟୀକରଣ" ମାମଲାର ବିଚାର ସମୟରେ କେନ୍ଦ୍ରୀୟ ପ୍ରଶାସନିକ ନ୍ୟାୟାଧିକରଣ, ମାଡ୍ରାସ ଖଣ୍ଡପୀଠଙ୍କ ସମ୍ମୁଖରେ ରେଳବାଇ ବୋର୍ଡ ଦ୍ୱାରା ଦାଖଲ କରାଯାଇଥିବା ଉତ୍ତରକୁ ନିମ୍ନମତେ ଉଲ୍ଲେଖ କରାଯାଇଛି:

କେ. ବଲରାମନ୍ *ବନାମ* ଅଧକ୍ଷ, ରେଳବାଇ ବୋର୍ଡ ଏବଂ ଅନ୍ୟମାନେ

[ନ୍ୟାୟମୂର୍ତ୍ତି ଦଲବୀର ଭାଣ୍ଡାରୀ]

"(1) ଆର୍ଥିକ ପରାମର୍ଶଦାତା ଏବଂ ମୁଖ୍ୟ ହିସାବ ଅଧିକାରୀଙ୍କ କାର୍ଯ୍ୟାଳୟରେ କିରାଣୀ ପଦବୀରେ ସ୍ଥାୟୀ ଭାବେ କାର୍ଯ୍ୟ କରୁଥିବା ବ୍ୟକ୍ତିମାନଙ୍କର ଷ୍ଟକ୍ ଭେରିଫାୟର୍ ପଦବୀକୁ ପଦୋନ୍ନତି, ସେମାନଙ୍କର ସେବା ବାରିଷ୍ଠତା ଏବଂ ଯୋଗ୍ୟତା ଭିତ୍ତିରେ କରାଯିବ, ଯେଉଁଥିରେ ବାହାରେ କାମ କରିବାର ଶାରୀରିକ ସକ୍ଷମତା ମଧ୍ଯ ସାମିଲ ରହିବ । ହିସାବ କିରାଣୀଙ୍କ କ୍ଷେତ୍ରରେ, ସେମାନଙ୍କୁ ଷ୍ଟକ୍ ଭେରିଫାୟର୍ ପାହ୍ୟାକୁ ପଦୋନ୍ନତି ଦିଆଯିବ ନାହିଁ, ଯେ ପର୍ଯ୍ୟନ୍ତ ସେମାନେ ପରିଶିଷ୍ଟ-2 ରେ ନିର୍ଦ୍ଧାରିତ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇନାହାନ୍ତି । ଷ୍ଟକ୍ ଭେରିଫାୟର୍ ପାହ୍ୟାକୁ ପଦୋନ୍ନତି ପାଇବା ପୂର୍ବରୁ ହିସାବ କିରାଣୀଙ୍କ ଦ୍ୱାରା ପରିଶିଷ୍ଟ 2 ରେ ନିର୍ଦ୍ଧାରିତ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାର ସର୍ତ୍ତ, ସ୍ୱତନ୍ତ୍ର କ୍ଷେତ୍ରରେ, ମହାପ୍ରବନ୍ଧକଙ୍କ ମଞ୍ଜୁରି ଅଧୀନରେ କୋହଳ କରାଯାଇପାରେ ।

____________

(6) ଜଣେ ଷ୍ଟକ୍ ଭେରିଫାୟର୍ ଯୋଗ୍ୟତା ପରୀକ୍ଷାରେ ପାସ୍ ନ କରିବା ପର୍ଯ୍ୟନ୍ତ ତାଙ୍କୁ କୌଣସି ଦରମା ବୃଦ୍ଧି ମିଳିବ ନାହିଁ ଏବଂ କ୍ରମାଗତ ଦୁଇଟି ପରୀକ୍ଷାରେ ବିଫଳ ହେଲେ ତାଙ୍କୁ ନିଜର ମୂଳ ପଦବୀକୁ ଫେରସ୍ତ ପଠାଇ ଦିଆଯିବ ।" (ଗୁରୁତ୍ୱ ପ୍ରଦାନ କରାଯାଇଛି) ।

4. ପଞ୍ଚମ ବେତନ ଆୟୋଗ, ପାରା 83:243 ରେ, ଷ୍ଟକ୍ ଭେରିଫାୟର୍ ସମ୍ବନ୍ଧରେ ନିମ୍ନମତେ ସୁପାରିଶ କରିଛନ୍ତି:

".......ଷ୍ଟକ୍ ଭେରିଫାୟର୍ ପାଇଁ ହିସାବ ସହାୟକ (ଅର୍ଥାତ୍ 1600-2660/-ଟଙ୍କା) ଠାରୁ ଅଧିକ ବେତନ ହାର ସୁପାରିଶ କରିବା ସମ୍ଭବ ହୋଇନପାରେ ।ଚତୁର୍ଥ ସି. ପି. ସି. ପୂର୍ବରୁ ଉପଲବ୍ଧ ଥିବା ଷ୍ଟକ୍ ଭେରିଫାୟର୍ ପାଇଁ ଚୟନ ଗ୍ରେଡର ସମୀକ୍ଷା କରାଯାଇ ପାରିବ, ଯାହା ଷ୍ଟକ୍ ଭେରିଫାୟର୍ ପାଇଁ ଦ୍ୱିତୀୟ ଗ୍ରେଡ୍ ହେବ । ବର୍ତ୍ତମାନର ସର୍ତ୍ତାବଳୀ ଅନୁଯାୟୀ ଏହି ବେତନ ହାର 1640-2900 ହେବ ବୋଲି ପ୍ରସ୍ତାବ ଦିଆଯାଇଛି । ଏହା ଷ୍ଟକ୍ ଭେରିଫାୟରମାନଙ୍କୁ ନିଜ କ୍ଷେତ୍ରରେ କାର୍ଯ୍ୟ ଜାରି ରଖିବା ପାଇଁ ପ୍ରେରିତ କରିବ ଏବଂ ଆକାଉଣ୍ଟସ୍/ସେକ୍ସନ ଅଫିସର ବିଭାଗକୁ ଯିବା ପାଇଁ ପ୍ରଲୋଭିତ କରିବ ନାହିଁ ।

ସୁପାରିଶ ସମୟରେ, ପଞ୍ଚମ ବେତନ ଆୟୋଗ ଷ୍ଟକ୍ ଭେରିଫାୟରମାନଙ୍କ ଦ୍ୱାରା କରାଯାଇଥିବା ଦାବିକୁ ଗ୍ରହଣ କରିଥିଲେ, ସେମାନଙ୍କର ଦାବି ଥିଲା ଯେ, ହିସାବ ସହାୟକଙ୍କ ତୁଳନାରେ ସେମାନଙ୍କୁ ଉଚ୍ଚ ହାରରେ ଦରମା ମିଳୁ ଏବଂ ସ୍ନାତକ ଡିପ୍ଲୋମା ହାସଲ କରିବା ପରେ ସେମାନଙ୍କୁ ଏକ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଉ । ଆୟୋଗ ଏହା ମଧ୍ଯ ଉଲ୍ଲେଖ କରିଥିଲେ ଯେ ଚୟନ କରାଯାଇଥିବା ଷ୍ଟକ୍ ଭେରିଫାୟର୍ମାନଙ୍କୁ ଏଫ୍. ଆର୍. 22 (C) ଅଧୀନରେ ବେତନ ନିର୍ଦ୍ଧାରଣର ଲାଭ ଦିଆଯାଇଥିଲା ଏବଂ ପରିଶିଷ୍ଟ 4 ଆଇଆରଇଏମ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ପ୍ରାର୍ଥୀଙ୍କୁ

ଦୁଇଟି ଅତିରିକ୍ତ ବେତନ ବୃଦ୍ଧି ପ୍ରଦାନ କରାଯାଇଥିଲା । ବେତନ ଆୟୋଗଙ୍କ ସୁପାରିଶ ପରେ, ପୂର୍ବ ଉପ-ମୁଖ୍ୟ (ବର୍ତ୍ତମାନ ହିସାବ ସହାୟକ) ଏବଂ ଷ୍ଟକ୍ ଭେରିଫାୟର ବେତନ ହାର 1400-2600/-ଟଙ୍କା ଭଳି ସମାନ ହୋଇଥିଲା । ଏହା ମଧ୍ୟ ଉଲ୍ଲେଖ କରାଯାଇଥିଲା ଯେ ଷ୍ଟକ୍ ଭେରିଫାୟର୍ ପାଇଁ ତିନୋଟି ଅଗ୍ରୀମ ବେତନ ବୃଦ୍ଧିର ପ୍ରୋତ୍ସାହନ ସତ୍ତ୍ୱେ, ଆଞ୍ଚଳିକ ରେଳବାଇ ଏହି ପଦବୀଗୁଡ଼ିକୁ ପୂରଣ କରିବାରେ ଅସୁବିଧାର ସମ୍ମୁଖୀନ ହେଉଛି ଏବଂ ଷ୍ଟକ୍ ଭେରିଫାୟର୍ ପାଇଁ ଉଚ୍ଚ ବେତନ ହାର ଦାବିକୁ ମନ୍ତ୍ରଣାଳୟ ସମର୍ଥନ କରିଛି ।"

5. ଷ୍ଟକ୍ ଭେରିଫାୟରମାନଙ୍କୁ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ପାଇଁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା । ଆବେଦନକାରୀ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ ଏବଂ ତାଙ୍କୁ ତିନୋଟି ଅଗ୍ରୀମ ବେତନ ବୃଦ୍ଧି ମଧ୍ୟ ଦିଆଯାଇଥିଲା ।

6. ଉତ୍ତରଦାତା-ବୋର୍ଡ ଏହାର 25.07.1995 ତାରିଖର ଚିଠିରେ ସ୍ପଷ୍ଟ ଭାବରେ କହିଛି ଯେ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ପାଇଁ ଷ୍ଟକ୍ ଭେରିଫାୟରମାନଙ୍କୁ ଦିଆଯାଇଥିବା ତିନୋଟି ଅଗ୍ରୀମ ବେତନ ବୃଦ୍ଧିକୁ ଅତିରିକ୍ତ ବେତନ ବୃଦ୍ଧି ଭାବରେ ବିବେଚନା କରାଯାଇପାରେ ଏବଂ ଏହାକୁ ମୂଳ ବେତନର ଅଂଶ ଭାବରେ ବିବେଚନା କରାଯାଇପାରିବ ନାହିଁ ।

ତେବେ, 08.05.1996 ରେ ଜାରିକରାଯାଇଥିବା ଆକ୍ଷେପିତ ଚିଠିରେ ଏହା ନିର୍ଦ୍ଦେଶ ଦିଆଯାଇଥିଲା ଯେ ଅତିରିକ୍ତ ବେତନ ବୃଦ୍ଧିକୁ ମୂଳ ବେତନର ଅଂଶ ଭାବରେ ବିବେଚନା କରାଯିବ ନାହିଁ ଏବଂ ମହଙ୍ଗା ଭତ୍ତା ପାଇଁ ଗଣନା କରାଯିବ ନାହିଁ । ଉକ୍ତ ଚିଠି ବିରୁଦ୍ଧରେ, ଆବେଦନକାରୀ, କେନ୍ଦ୍ରୀୟ ପ୍ରଶାସନିକ ନ୍ୟାୟାଧିକରଣଙ୍କ ପାଖରେ ମୂଳ ଆବେଦନ ଦାଖଲ କରିଥିଲେ । କେନ୍ଦ୍ରୀୟ ପ୍ରଶାସନିକ ନ୍ୟାୟାଧିକରଣ, ମାଡ୍ରାସ ବିଚାରପୀଠ ଓ. ଏ. ସଂଖ୍ୟା 776/1996 ରେ ଉଲ୍ଲେଖ କରିଛନ୍ତି ଯେ ଅତିରିକ୍ତ ବେତନ ବୃଦ୍ଧି ବ୍ୟକ୍ତିର ମୂଳ ବେତନର ଏକ ଅଂଶ ହେବ ଏବଂ ଆବେଦନକାରୀ ଆନୁଷଙ୍ଗିକ ଲାଭ ପାଇବାକୁ ହକଦାର ହେବେ । ଉତ୍ତରଦାତା-ଅଧ୍ୟକ୍ଷ, ରେଳବାଇ ବୋର୍ଡ, କେନ୍ଦ୍ରୀୟ ପ୍ରଶାସନିକ ନ୍ୟାୟାଧିକରଣଙ୍କ ଉକ୍ତ ରାୟ ବିରୁଦ୍ଧରେ ମାଡ୍ରାସ ଉଚ୍ଚ ନ୍ୟାୟାଳୟଙ୍କ ଦୁଇଜଣିଆ ଖଣ୍ଡପୀଠଙ୍କ ପାଖରେ ଏକ ଆଜ୍ଞାଦେଶ ଆବେଦନ ଆଗତ କରିଥିଲେ । ଆକ୍ଷେପିତ ରାୟରେ, ଉଚ୍ଚ ନ୍ୟାୟାଳୟ ସ୍ପଷ୍ଟ ଭାବେ ପର୍ଯ୍ୟବେକ୍ଷଣ କରିଛନ୍ତି ଯେ:

> "…….ଏହି ବେତନ ବୃଦ୍ଧିକୁ, ମୂଳ ବେତନର ଅଂଶବିଶେଷ ଭାବେ ବିବେଚନା କରାଯାଇପାରିବ ନାହିଁ, ବରଂ କେବଳ ଏକ ପୃଥକ ଉପାଦାନ ଭାବେ ବିବେଚନା କରାଯାଇପାରିବ, ଯାହା ମହଙ୍ଗା ଭତ୍ତା ଇତ୍ୟାଦି ଗଣନା ଉଦ୍ଦେଶ୍ୟରେ ହିସାବ କରାଯିବ ନାହିଁ ।

୫. ଉତ୍ତରଦାତା-ରେଳବାଇ ବୋର୍ଡର ଆଭିମୁଖ୍ୟ ସ୍ଥିର ରହିଛି ଯେ ଆବେଦନକାରୀଙ୍କୁ ଦିଆଯାଇଥିବା ଅଗ୍ରୀମ ବେତନ ବୃଦ୍ଧିକୁ, ମୂଳ ବେତନ, ମହଙ୍ଗା ଭତ୍ତା ଏବଂ ପେନସନଭିତ୍ତିକ ସୁବିଧା ପାଇଁ ଗଣନା କରାଯିବ ନାହିଁ ।

୨. କେନ୍ଦ୍ରୀୟ ପ୍ରଶାସନିକ ନ୍ୟାୟାଧିକରଣ ତ୍ରୁଟିପୂର୍ଣ୍ଣ ଭାବେ ନିର୍ଣ୍ଣୟ ନେଇଛନ୍ତି ଯେ ତିନୋଟି ଅତିରିକ୍ତ ବେତନ ବୃଦ୍ଧି, ମୂଳ ବେତନର ଅଂଶବିଶେଷ ହେବ । ଆମର ବିଚାରଯୋଗ୍ୟ ମତରେ, କେନ୍ଦ୍ରୀୟ ପ୍ରଶାସନିକ ନ୍ୟାୟାଧିକରଣଙ୍କ ରାୟକୁ ରଦ୍ଦ କରିବାରେ ଉଚ୍ଚ ନ୍ୟାୟାଳୟ ସମ୍ପୂର୍ଣ୍ଣ ନ୍ୟାୟସଙ୍ଗତ ଥିଲେ ।ଏହି ଦୃଷ୍ଟିକୋଣରୁ ଦେଖିଲେ, ଆମେ ଉଚ୍ଚ ନ୍ୟାୟାଳୟର ଦୁଇଜଣିଆ ଖଣ୍ଡପୀଠଙ୍କ ଆକ୍ଷେପିତ ରାୟରେ, ଯୋଗ୍ୟତା ଆଧାରରେ କୌଣସି ଦୁର୍ବଳତା ଦେଖିବାକୁ ପାଉନାହୁଁ ।"ଏହି ଆବେଦନରେ, କୌଣସି ଯୋଗ୍ୟତା ନଥିବାରୁ, ସେହି ଅନୁଯାୟୀ, ଖାରଜ କରାଗଲା, ପକ୍ଷମାନଙ୍କୁ ସେମାନଙ୍କର ନିଜସ୍ୱ ଖର୍ଚ୍ଚ ବହନ କରିବାକୁ ନିର୍ଦ୍ଦେଶ ପ୍ରଦାନ କରାଗଲା ।

ବି. ବି. ବି. ଆବେଦନକୁ ଖାରଜ କରାଗଲା ।

**<u>ଅସ୍ୱୀକରଣ</u>**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଭାଷାନ୍ତର:**

***ଶ୍ରୀ ଜଟାଧାରୀ ସେଠୀ***

ଉପବିଭାଗ ଅଧିକାରୀ (ଅନୁବାଦ), ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।